Click Here & Upgrade
Expanded Features
Unlimited Pages
PDF Complete



# ବିଭିନ୍ନ କ୍ଷେତ୍ରରେ ନାରୀର ଅବଦାନ ଅବିସ୍ମରଣୀୟ

ଧରିତ୍ରୀ ବିଶ୍ୱାଳ

ଭଗବାନଙ୍କ ଏହି ସୁନ୍ଦର ସଂସାରରେ ମନୁଷ୍ୟ, ଜୀବଜନ୍ତୁ, ବୃକ୍ଷଲତା ଫଳ ଓ ଫୁଲ ଆଦି ତାଙ୍କରି ସୃଷ୍ଟି । ଏହି ସମସ୍ତଙ୍କ ମଧ୍ୟରୁ ମନୁଷ୍ୟ ଶ୍ରେଷ୍ଠ, କାରଣ ତା'ପାଖରେ ଧୈର୍ଯ୍ୟ, ସାହସ, ଭଲ ପାଇବା ସହନଶୀଳତା, ବିଚାରଶକ୍ତି ଆଦିଗୁଣ ପରିପୂର୍ଣ୍ଣ ହୋଇରହିଛି ।

କିନ୍ତୁ ଆଜିର ଯୁଗରେ ପୁରୁଷ ଅପେକ୍ଷା ନାରୀକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ, କାରଣ ନାରୀଠାରୁ ଏ ପୁରୁଷର ସୃଷ୍ଟି ବା ଏ ସଂସାରର ସୃଷ୍ଟି । ନାରୀ ବିନା ସୃଷ୍ଟି ଅସମ୍ଭବ ।

ନାରୀ, ଏହି ଶବ୍ଦ ଶୁଣି ସମସ୍ତଙ୍କ ମୁଣ୍ଡ ନତମସ୍ତକ ହୋଇଯାଏ । ଏପରିକି ନାରୀର କେତେ ରୂପ ଅଛି ଯାହାକି କେବେ ଝିଅ, କେବେ ଜାୟା, କେବେ ଜନନୀ ଆଉ କେବେ ଭଗିନୀ ଭାବରେ । ଆମ ଦେଶରେ ବି ଆମେ ତାକୁ ମା'ର ସମ୍ମାନ ଦେଉଛୁ, ଯାହାକି ଭାରତ ମାତା ଭାବରେ ପ୍ରଚଳିତ ।

ଆଜି ଆମେ ନୂଆ ଶତାବ୍ଦୀରେ ପଦାର୍ପଣ କରିଛୁ । ଏହି ନୂଆ ଶତାବ୍ଦୀରେ ଆଜି ଆମେ ସବୁ ତାକୁ ନୂଆ ରୂପରେ ସ୍ୱାଗତ କରିବା ପାଇଁ ବସି ରହିଛୁ । ଏହି ଶତାବ୍ଦୀ ହେଉଛି ନାରୀ ପାଇଁ ନୂଆ ସମ୍ଭାବନାର ଯୁଗ । ଆଜିର ଶତାବ୍ଦୀରେ ପିଲା, ଯୁବପିଢ଼ି ଏବଂ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନିଜକୁ ନୂଆ ରୂପରେ ସଜାଇବା ପାଇଁ ପ୍ରସ୍ତୁତ । ପୁଣି ନାରୀ ଏହି ଦୌଡ଼ରେ ପଛରେ ରହିବ କାହିଁକି ?

ଆଜିର ଏହି ଶତାବ୍ଦୀରେ ୨୦୦୧ ବର୍ଷରେ ଆମର ସାରା ବିଶ୍ୱ ଏବଂ ଦେଶରେ ମହିଳା ସଶକ୍ତିକରଣର ବର୍ଷରେ ଆମେ ନାରୀର ଉନ୍ନତି, ବିକାଶ ଓ ସେମାନଙ୍କର ଜାଗରଣ ଓ ଆତ୍ମ ନିର୍ଭରଶୀଳ ହେବାର ବିଷୟ ପରିଲକ୍ଷିତ ହୁଏ ।

ଈଶ୍ୱରଙ୍କର ଅନୁପମ ସୃଷ୍ଟିରେ ନାରୀ ହେଉଛି ଅଦ୍ଭୁତ ଶକ୍ତି ସମ୍ପନ୍ନ । ତା'ର ଅପାର ଶକ୍ତି ଅଛି । ସେ ଶକ୍ତିର ଆଧାର । ଏହି ନାରୀ ହେଉଛି ହିମାଳୟର ଆକାର ସ୍ୱରୂପ । ସର୍ବଂସହା ଧରିତ୍ରୀର ଏକ ବିଚିତ୍ର ପ୍ରତିରୂପ ହେଉଛି ଏହି ନାରୀ, ପୁଣି ମିଶରର ପିରାମିଡ ପରି ସୁପ୍ତ ଓ ଶାନ୍ତ ଏବଂ ପ୍ରେମ ବିରହର ଏକ ଶୂନ୍ୟ ଦିଗନ୍ତ ଓ ଆଗ୍ନେୟ ଗିରିର ଲାଭା ଭଳି ଉଜ୍ଜ୍ୱଳ ଓ ଉତ୍ତପ୍ତ ସୃଷ୍ଟି ଏବଂ ବିନାଶର ମୂଳ କାରଣ । ପୁଣି ସେ ଦୟା, କ୍ଷମା, ସ୍ନେହ ଓ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ, ତା'ର ଏହି ଗୁଣରେ ବିଦ୍ୟମାନ ଅଛି । ତେଣୁ ନାରୀକୁ ପୁରାଣରେ ଶକ୍ତି ରୂପିଣୀ ଭାବରେ ଗାରିମା ଓ ମହିମାରେ ମଣ୍ଡିତ କରାଯାଇଛି ।

ଗୋଟିଏ ସମାଜ ଥିଲା ଯେତେବେଳେ ନାରୀକୁ ଅବଳା କହୁଥିଲା, ତଥା ଘରର କୌଣସି କୋଣରେ ସେ ପଡ଼ି ରହୁଥିଲା ତଥା ପିଲା ଜନ୍ମ କଲାବାଲା ତଥା ପୁରୁଷର ଦାସୀ ହୋଇ ରହୁଥିଲା । ଆଜି କିନ୍ତୁ ସବୁ ବଦଳିଯାଇଛି । ସେ ଏବେ ନିଜର କର୍ତ୍ତବ୍ୟ ଓ ଅଧିକାର ପ୍ରତି ଜାଗ୍ରତ ଅଛି । ନାରୀ ଆଗେ ସାମନ୍ତବାଦର ଶୋଷଣରେ ପୀଡ଼ିତ ଥିଲା ତଥା ତାକୁ ସମାଜରେ ଦେବୀର ଆସ୍ଥା ଦେଉଥିଲା କିନ୍ତୁ ସେ ଏ ସବୁଥିରୁ ଅଜଣା ତଥା ନିଜର ଅଧିକାରରୁ ବଞ୍ଚିତ ଥିଲା ଓ ନିଜ ଉପରେ ହେଉଥିବା ସବୁ ଅତ୍ୟାଚାର ସହି ଆସୁଥିଲା । ସେ ପାଟିରୁ କଥା ବାହାର ନକରି ପଥର ଭଳି ସବୁ ସହି ଆସୁଥିଲା । ହେଲେ ସମାଜରେ କଠିନରୁ କଠିନ ପରୀକ୍ଷା ଦେବା ପାଇଁ ସକ୍ଷମ ଥିଲା ।

କିନ୍ତୁ ବିଂଶ ଶତାବ୍ଦୀରେ ଶିକ୍ଷାର ଅଭୁତପୂର୍ବ ବିକାଶ ହେବା ସଙ୍ଗେ ସଙ୍ଗେ ସେ ଅଜ୍ଞାନର ଅନ୍ଧକାରରୁ ବାହାର ହୋଇ ଜ୍ଞାନର ପ୍ରକାଶରେ ଆସିବାକୁ ଲାଗିଲା । ନାରୀ ତା'ର କର୍ତ୍ତବ୍ୟ, ଅଧିକାର ଓ ମାନବ ମୂଲ୍ୟ ପ୍ରତି ସଜାଗ ହେଲା । ତା'ର ଜୀବନରେ ନୂଆ ସୂର୍ଯ୍ୟୋଦୟ ହେଲା । ସେ ନିଜକୁ ପ୍ରଥମ ଥର ନୂଆ କିରଣରେ ଦେଖିଲା ।

ସେ ଆଜି ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ ତଥା ପୁରୁଷ ସମାଜରେ ପୁରୁଷ ସାଙ୍ଗରେ କାନ୍ଧକୁ କାନ୍ଧ ମିଶାଇ ଚାଲିବାକୁ ଲାଗିଲା । ସେ ଆଜି ସାମାଜିକ, ରାଜନୈତିକ, ସାଂସ୍କୃତିକ, ବିଜ୍ଞାନ, ବୈଷୟିକ ଓ ଖେଳ ଜଗତ ତଥା ପାରିବାରିକ ଓ ଯୁଦ୍ଧକ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଭୂମିକା କରିଆସୁଛି ।

ଶିଶୁଟି ଜନ୍ମ ହେଲେ ସେ ହଠାତ୍ ବଡ଼ ହୋଇଯାଏ ନାହିଁ । ତା'ର ଉପଯୁକ୍ତ ଲାଳନ ପାଳନ ସେବା ଯତ୍ନ ଏସବୁ ମାତୃ ରୂପିଣୀ ନାରୀ ହିଁ କରିଥାଏ । ଶିଶୁଟିର ପ୍ରଥମଗୁରୁ ମା' । ସେଥିପାଇଁ

Click Here & Upgrade
Expanded Features
Unlimited Pages
PDF Complete



କୁହାଯାଇଛି, The mother's face is the first lesson book of a child, କାରଣ ସେ ପ୍ରଥମେ ମା'ଠାରୁ ହିଁ ତାର ସମସ୍ତ ଶିକ୍ଷା ଆରମ୍ଭ କରିଥାଏ । ଭଲ ମଣିଷ ହେବା ପାଇଁ ଧୈର୍ଯ୍ୟ, ସାହସ, ସହନଶୀଳତା ଆଦି ଭଲ ଗୁଣ ଶିଖାଇଥାଏ । ମା' ବିନା ବା ନାରୀ ବିନା ଶିଶୁ ଅସହାୟ ହୋଇପଡ଼େ । ଏଣୁ ଗୃହରେ ବି ତା'ର କେତେ ଆବଶ୍ୟକତା ରହିଛି । ଗୃହରେ ଯଦି ଶିଶୁଟିକୁ ସେ ମଣିଷ ନ କରେ, ତେବେ ସେ ଶିଶୁଟିର ଜୀବନ ସମାଜରେ ଦୁର୍ବିସହ ହୋଇପଡ଼ିବ । କାରଣ ଏ ଶିଶୁ ଦିନେ ସମାଜର ଭବିଷ୍ୟତ ନାଗରିକ ହେବ । ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଆଉ ମଧ୍ୟ କୁହାଯାଏ ଯେ ଯଦି ଗୋଟିଏ ପରିବାରର ଜଣେ ପୁରୁଷ ସୁଶିକ୍ଷିତ ତେବେ ଉକ୍ତ ପରିବାରରେ ଜଣେ ସୁଶିକ୍ଷିତା ନାରୀ ଶିକ୍ଷିତା ହେଲେ ସଂପୂର୍ଣ୍ଣ ପରିବାର ଶିକ୍ଷିତ ହୁଏ । ନାରୀର ସର୍ବଂସହା ମାତାର ସ୍ୱରୂପ ମଧ୍ୟ ସାମାଜିକ ସଂସ୍କାର ଆଣିବାରେ ସହାୟକ ହୁଏ ।

ସେହିପରି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରିୟଦର୍ଶିନୀ ଇନ୍ଦିରା ଗାନ୍ଧୀ, ଉତ୍କଳର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିବା ନନ୍ଦିନୀ ଶତପଥୀ ମହୋଦୟାଙ୍କ ଭଳି ଆହୁରି ଅନେକ ନାରୀମାନଙ୍କର କାର୍ଯ୍ୟ କେବଳ ରାଜନୈତିକ ରଣଭୂମି ମଧ୍ୟରେ ସୀମାବଦ୍ଧ ନଥିଲା, ସାମାଜିକ ସଂସ୍କାରରେ ସ୍ତ୍ରୀ ଶିକ୍ଷା ଆଦି ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟରେ ସେମାନେ ପରିତୃପ୍ତି ଲାଭ କରିଥିଲେ ।

କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ସମାଜ ଓ ସଂସ୍କୃତିର ସମୃଦ୍ଧ ପରମ୍ପରା ରହିଛି । ଏହି ସମାଜ ଓ ସଂସ୍କୃତିର ଗଠନ ଦିଗରେ ନାରୀ ଓ ପୁରୁଷର ଅବଦାନ ଅବିସ୍ମରଣୀୟ । ନାରୀ ଏବଂ ପୁରୁଷ ସମାଜରୂପକ ମୁଦ୍ରାର ଦୁଇଟି ଅବିଚ୍ଛେଦ୍ୟ ପାର୍ଶ୍ୱ, ସମାଜର ଅଗ୍ରଗତିରେ ପ୍ରତ୍ୟେକ ମାନବର ଦାୟିତ୍ୱ ତଥା କର୍ତ୍ତବ୍ୟ ରହିଛି । ତନ୍ମଧ୍ୟରୁ ନାରୀର ଭୂମିକା ଅନସ୍ୱୀକାର୍ଯ୍ୟ ।

ବହୁ ବିଦୁଷୀ ନାରୀ ସ୍ୱପ୍ରତିଭା ବଳରେ ସମାଜରେ ପ୍ରତିଷ୍ଠିତ । ସେମାନଙ୍କ ମଧ୍ୟରୁ ଗାର୍ଗୀ, ଲୋପାମୁଦ୍ରା, ମୈତ୍ରେୟୀ, ଘୋଷା ଆଦି ବିଦୁଷୀଙ୍କର କାର୍ଯ୍ୟାବଳୀ ବାସ୍ତବିକ ପ୍ରଣିଧାନଯୋଗ୍ୟ ।

ରାଜାରାଜୁଡ଼ା ଶାସନ କାଳରେ ସମାଜ ମଧ୍ୟ ବହୁ କୁ-ସଂସ୍କାର ଦ୍ୱାରା କଳୁଷିତ ହୋଇଥିଲା । ସେ ସମୟରେ ପର୍ଦ୍ଦାପ୍ରଥା, ସତୀଦାହ ପ୍ରଥା ଯୋଗୁଁ ନାରୀ ଜୀବନ ଦୁର୍ବିସହ ହୋଇ ପଡୁଥିଲା । କିନ୍ତୁ ବହୁନାରୀଙ୍କର ମହାନ୍ ପଦକ୍ଷେପ ଯୋଗୁଁ ତାହାର ଦୂରୀକରଣ ସମ୍ଭବ ହୋଇପାରିଥିଲା । ସେଥିମଧ୍ୟରୁ ମା' ରମାଦେବୀ ତଥା ଅନ୍ୟ ନାରୀମାନଙ୍କର ଭୂମିକା ବନ୍ଦନୀୟ ଏବଂ ଚିର ସ୍ମରଣୀୟ ।

ସ୍ୱାଧୀନତା ସଂଗ୍ରାମ ବେଳେ ଇଂରେଜ କବଳରେ ଯେତେବେଳେ ଦେଶର ସ୍ୱାଧୀନତା ଶିକୁଳିବଦ୍ଧ ଥିଲା, ସେତେବେଳେ ରାଣୀ ଲକ୍ଷ୍ମୀବାଈ, ମା' ରମାଦେବୀଙ୍କ ଉଦ୍‌ବୁଦ୍ଧ ଭାଷଣର ପ୍ରରୋଚନାରେ ନାରୀମାନଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି ହୋଇଥିଲା ଏବଂ ନାରୀମାନେ ହିଁ ଦେଶ ସ୍ୱାଧୀନତାରେ ଅଂଶ ଗ୍ରହଣ କରିଥିଲେ ।

ଆଉ ଜଣେ ନୋବେଲ ପୁରସ୍କାର ବିଜେତା ବିଶ୍ୱମାତା ରୂପେ ପରିଗଣିତ । ଜଣେ ବିଦେଶିନୀ ସମଗ୍ର ବିଶ୍ୱରେ 'ମଦର ଟେରେସା' ଭାବେ ଆଜି ମଧ୍ୟ ବିଶ୍ୱବାସୀଙ୍କ ହୃଦ କନ୍ଦରରେ ବିରାଜିତ । ନିଜର ଜୀବନକୁ ଉତ୍ସର୍ଗ କରି ଦୁଃଖୀ, ଦରିଦ୍ର ରୋଗୀମାନଙ୍କର ସେବାରେ ସେ ନିଜକୁ ନିୟୋଜିତ କରିଥିଲେ । ସେ ସାମାଜିକ ସଂସ୍କାର ଆଣିବା ପାଇଁ ସେବା ସଦନ ପ୍ରତିଷ୍ଠା କରିଥିଲେ । ଯାହା ଆଜି ବିଶ୍ୱ ଦରବାରରେ ସୁପ୍ରତିଷ୍ଠିତ ।

ହେଲେନ କେଲରଙ୍କ ପରି ମହୀୟସୀ ମହିଳା ସମଗ୍ର ମହିଳାମାନଙ୍କର ଆଦର୍ଶରୂପେ ପରିଗଣିତ ହୁଅନ୍ତି ଯେ କି ନିଜର ଆଜୀବନ ଅନ୍ଧତ୍ୱକୁ ସ୍ୱୀକାର କରି ସମାଜ ସେବା ଦିଗରେ ମନୋନିବେଶ କରିଥିଲେ ।

ଏହିପରି ଭାରତରେ ପ୍ରଥମ ମହିଳା ଏଭରେଷ୍ଟ ଆରୋହଣକାରୀ ବଚ୍ଛେନ୍ଦ୍ରୀ ପାଲ, ପ୍ରଥମ ମହିଳା ଆଇ.ପି.ଏସ୍. ଡଃ କିରଣ ବେଦୀ, ମାତାମ୍ କ୍ୟୁରୀ, ଭାଲେଣ୍ଟିନା ତେରୋସ୍କୋଭା ଏମାନେ ହେଉଛନ୍ତି ନାରୀ ପାଇଁ ଏକ ଆଦର୍ଶର ପନ୍ଥା ।

ଆଧୁନିକ ଯୁଗରେ ସମାଜ କିଛିଟା କଳୁଷପୂର୍ଣ୍ଣ । ଯୌତୁକ ପ୍ରଥାର ଦୁରାରୋଗ୍ୟ ବ୍ୟାଧି ଆଜି ମଧ୍ୟ ସମାଜରେ ଏକ ପିଶାଚ ପରି ସଂଲଗ୍ନ । ନାରୀ କେବଳ ନିଜକୁ ଦୃଢ଼ୀଭୂତ କଲେ ହିଁ ତାହାର ଦୂରୀକରଣ ସମ୍ଭବ । କେତେକ ନାରୀ ବି ନିଜର ଲେଖନୀ ଚାଳନା କରି ସମାଜର ଅଭୂତପୂର୍ବ ପ୍ରଗତି କରିପାରିଛନ୍ତି ।

ନାରୀ ପୁରୁଷର ମିଳନରେ ସମାଜର ସୃଷ୍ଟି । ଆଜି ମଧ୍ୟ ବହୁନାରୀ ସାମାଜିକ କୁ-ସଂସ୍କାରକୁ ଛିନ୍ନ କରି ସମସ୍ତ ନାରୀଙ୍କ ଆଦର୍ଶ ରୂପେ ପରିଗଣିତ । କେତେକ ମଧ୍ୟ ଅସାଧ୍ୟ ସାଧନାରେ ବ୍ରତୀ । ସେଥିମଧ୍ୟରୁ କଳ୍ପନା ଚାଓଲାଙ୍କ ଅନ୍ତରୀକ୍ଷ ଅଭିଯାନ ଅବିସ୍ମରଣୀୟ ।

ନାରୀ ଆଜି ଭାଗ୍ୟବାଦିନୀ ନରହି କର୍ମବାଦିନୀ ହୋଇଯାଇଛି । ବର୍ତ୍ତମାନ ଯୁଗରେ ନାରୀ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ସେ ସାମାଜିକ କ୍ଷେତ୍ର ହେଉ ଅବା ପାରିବାରିକ କ୍ଷେତ୍ର କିମ୍ବା ରାଜନୈତିକ ରଣଭୂମି ହେଉ, ସର୍ବତ୍ର ନାରୀର ଉପଯୋଗିତା ଲକ୍ଷ୍ୟ କରାଯାଉଛି ।

ଗୃହଠାରୁ ଆରମ୍ଭ କରି ଯୁଦ୍ଧକ୍ଷେତ୍ର ପର୍ଯ୍ୟନ୍ତ ନାରୀର ଭୂମିକା ରହିଥିଲା, ରହିଛି ଓ ରହିବ ମଧ୍ୟ । କାରଣ ନାରୀ ହିଁ ସୃଷ୍ଟି, ନାରୀ ହିଁ ସ୍ଥିତି ଏବଂ ନାରୀ ହିଁ ବିନାଶର ଅବତାର । ସେଥିପାଇଁ କୁହାଯାଏ, 'ତୁମେ ପଇସାର ଯତ୍ନ ନିଅ, ଟଙ୍କା ତା'ର ଯତ୍ନ ନିଜେ କରିପାରିବ ।

ଏହି ଉକ୍ତି କେବଳ ନାରୀର କାର୍ଯ୍ୟକଳାପ ଦ୍ୱାରା ସୁସମାହିତ ହୋଇପାରିବ । ନାରୀ ଆଜି 'ଅସ୍ୱର୍ଯ୍ୟଂପଶ୍ୟା' ନୁହେଁ କି ଅବଳା ବା ଦୁର୍ବଳା ନୁହେଁ । ସମାଜର ସବୁକ୍ଷେତ୍ରରେ ନାରୀର ଅବଦାନ ଅବିସ୍ମରଣୀୟ ।

ରମ୍ଭା, ଗଞ୍ଜାମ